

# 'ପାଚୋଲି'ଚାଷ-: ଏକ ସଫଳ ଉଦ୍ୟୋଗ

ପାଚୋଲି ତୃଣ ଓଡିଶାର ଉପକୂଳ ତଥା ପାର୍ବତ୍ୟାଞ୍ଚଳରେ ଦେଖାଯାଇଥାଏ । ଏହାକୁ ଇଂରାଜୀରେ ପୋରାଷ୍ଟେମନ୍ କାବ୍ଲିନ୍ ମଧ କୁହାଯାଏ । ସ୍ଥାନୀୟ ଅଂଚଳରେ ଏହି ତୃଣର ଭିନ୍ନ ଭିନ୍ନ ନାମ ମଧ ଅଛି । ଏହା ଏକ ତୁଳସୀ ଜାତୀୟ ତୃଣ ଅଟେ । ପ୍ରଥମେ ଏହା ଫିଲିପାଇନସ୍‌ରେ ଆରମ୍ଭ ହୋଇ ଅନ୍ୟ ଦେଶକୁ ବ୍ୟାପିଥିଲା । ଏହି ତୃଣ ଭାରତ ବର୍ଷରେ ବହୁ ଦିନରୁ ଦେଖାଯାଉଥିଲେ ମଧ ବ୍ୟାବସାୟିକ ଭିତ୍ତିରେ ଏହା ଚାଷ କରାଯାଉନାହିଁ । ପାଚୋଲି ତୃଣରୁ ଏକ ପ୍ରକାରର ସୁଗନ୍ଧିତ ତୈଳ ମିଳେ, ଯାହାକୁ ବିଭିନ୍ନ ଖାଦ୍ୟ ପଦାର୍ଥ ପ୍ରସ୍ତୁତିରେ ଏକ ସୁଗନ୍ଧିତ ମିଶ୍ରଣ ରୂପେ ବ୍ୟବହାର କରାଯାଏ । ଏହା ବ୍ୟତୀତ ଆଲ୍‌କୋହଲ୍,ଅଣ ଆଲକୋହଲ, କ୍ୟାଣ୍ଡି ମାଂସ ଉତ୍ପାଦ ପ୍ରସ୍ତୁତି ରେ ମଧ ବ୍ୟବହାର କରାଯାଏ । ବିଭିନ୍ନ ସୁଗନ୍ଧିତ ଦ୍ରବ୍ୟର ବ୍ୟବହାର ଛଡା ବହୁ ଔଷଧ ପ୍ରସ୍ତୁତିରେ ମଧ ଏହା ଆବଶ୍ୟକ ପଡିଥାଏ । ସୁଗନ୍ଧିତ ଦ୍ରବ୍ୟମାନଙ୍କ ମଧରେ ଶରୀର ପାଇଁ ବ୍ୟବହୃତ ବହୁତ ପ୍ରକାରର ଲୋସନ୍, ଅତର, ମହମବତୀ ତିଆରି କାରଖାନାରେ ଏହା ଅଧିକ ବ୍ୟବହାର ହୋଇଥାଏ । ଗାଁ ଗହଳିର ବେରୋଜଗାରୀ ଯୁବକ ତଥା ସ୍ୱୟଂ ସହାୟକ ଦଳରସଭ୍ୟ ସଭ୍ୟା ଓ ସମବାୟ ସମିତିର ଅଂଶୀଦାରମାନେ ମଧ ଏହି ଚାଷ ବ୍ୟବସାୟ ଭିତ୍ତିରେ କରି ଅଧିକ ଲାଭବାନ ହୋଇପାରିବେ ।

## ଏହି ଚାଷର ନୀତି ନିୟମ:-

**୧. ଜଳବାୟୁ ଓ ମୃତ୍ତିକା :-** ପାଚୋଲି ଚାଷ ଓଡିଶାର ବିଭିନ୍ନ ଅଂଚଳରେ ବହୁଳ ଭାବେ କରାଯାଇପାରିବ । ସମୁଦ୍ର ତଟ ଅଂଚଳରେ ଏହି ତୃଣ ଭଲ ଭାବରେ ବଢିଥାଏ । ତେଣୁ ନଡିଆ ବଗିଚା ମଧରେ ମଧ ଏହି ଚାଷ ସମ୍ଭବପର ହୋଇଥାଏ । ବାଲିଆ ମାଟି ଏହି ଚାଷ ପାଇଁ ଅଧିକ ଉପଯୁକ୍ତ ।

**୨. ଚାରା ପ୍ରସ୍ତୁତି ଓ କୃଷି ପ୍ରଣାଳୀ:** ପାଚୋଲି ତୃଣର ଚାରା ସେହି ଗଛର ଅଗ, କାଣ୍ଡରୁ ହୋଇଥାଏ । କଅଁଳିଆ ଅଂଶକୁ କାଟିକରି ଭଲଚାରା ଉତ୍ପାଦନ କରାଯାଇଥାଏ । ଗଣ୍ଠି ଥିବା କାଣ୍ଡକୁ କାଟି ଚାରା କରାଯାଇପାରିବ । ନର୍ସରୀରେ ଚାରା ଉତ୍ପାଦନ କରିବା ସମୟରେ ପାଣିଦେବାକୁ ପଡେ । ନର୍ସରୀରେ ଚାରା ବଢିଗଲେ ଜମିକୁ ହୁଡା କରି ଲଗାଯାଏ । ପ୍ରଥମେ ଜମିକୁ ୨-୩ ଥର ଭଲକରି ଚାଷ କରାଯାଇଥାଏ । ମାଟିକୁ ଗୁଣ୍ଡ କରିସାରିବା ପରେ ଜମିରେ ହେକ୍ଟର ପିଛା ୨୫ ଗାଡି ସବୁଜଖତ, ୩୦ କି:ଗ୍ରା: ଯବକ୍ଷାରଯାନ, ୩୦ କି:ଗ୍ରା: ପଟାସ ସାର ମିଶାଯାଇଥାଏ । ଚାରା ଲଗାଇବା ସମୟରେ ବ୍ୟବଧାନ ପ୍ରତି ନଜର ରଖିବା ଦରକାର । ଏଗୁଡିକୁ ପଟାଳି ମଧରେ ସିଧା ଧାଡିରେ ଲଗାଯାଇଥାଏ । ଗଛଗୁଡିକ ମଧରେ ବ୍ୟବଧାନ ୪୫ ସେ:ମି: ହେଲେ ଭଲ । କାରଣ ଗଛଗୁଡିକ ମୁକ୍ତ ବାୟୁ ପାଇ ଶୀଘ୍ର ବଢିପାରେ । ବର୍ଷା ଦିନେ ନର୍ସରୀ କଲେ ଚାରାରୁ ଶୀଘ୍ର ଗଜା ବାହାରିଥାଏ । ଚାରା ଛଡା ମଞ୍ଜିରୁ ମଧ ଗଛ ହୋଇଥାଏ । ଅଧିକ ଖରା ସମୟରେ ନର୍ସରୀକୁ ତାଳପତ୍ର ଦ୍ୱାରା ଛାଇ କରିବାକୁ ପଡେ । ଖରା ସମୟରେ ଚାରା ରୋପଣ କରିବା ଅନୁଚିତ । ଚାରା ଲଗାଇବା ଦିନ ପାଣି ଦେବା ଦରକାର । ବର୍ଷା ଦିନର ଶେଷଭାଗ ଅର୍ଥାତ୍ ସେପ୍ଟେମ୍ବର/ଅକ୍ଟୋବର ରେ ଚାରା ଲଗାଇବା ଭଲ । ଗଛ ବଢିଗଲେ ୧୦-୧୫ ଦିନ ଅନ୍ତରରେ ଥରେ ପାଣି ଦେବାକୁ ପଡେ । ଗଛ ୬-୭ ସପ୍ତାହର ହୋଇଗଲେ ଚାଷୀକୁ ମୂଳରୁ ଘାସ ତଥା ଅନାବନା ବୃକ୍ଷ ସଫାକରି ମାଟି ଗୁଣ୍ଡ କରିବାକୁ ପଡେ । ପାଚୋଲି ଚାଷ ନଡିଆ ବଗିଚା ଛଡା କଦଳୀ, ରବର ଓ କଫି ବଗିଚାରେ ମଧ ଚାଷ କରାଯାଇପାରେ । ପାଣି ରହିବା ପାଇଁ ପଟାଳି ଚତୁଃପାର୍ଶ୍ୱରେ ହୁଡ଼ା କରିବାକୁ ପଡିଥାଏ । କୋଡା, ଖୁସା ପରେ ଏକର ପିଛା ୩୦ କି:ଗ୍ରା: ଯବକ୍ଷାରଯାନ ସାର ପ୍ରୟୋଗ କରା ଯାଇଥାଏ । ଏକ ମାସ ବ୍ୟବଧାନରେ ଏହି ଅନୁପାତରେ ପୁନର୍ବାର ଯବକ୍ଷାରଯାନ ଦିଆଯାଇଥାଏ ।

## ରୋଗ ପୋକ:

ଏହି ବୃକ୍ଷରେ ମୁଖ୍ୟତଃ ଝାଉଁଳା ରୋଗ ଦେଖାଯାଇଥାଏ । ଏହା ବ୍ୟତୀତ ହଳଦିଆ ପତ୍ର ଭାଇରସ୍ ଦ୍ୱାରା ଆକ୍ରାନ୍ତ ହୋଇଥାଏ । ରୋଗର ଦମନ ପାଇଁ ହେକ୍ଟରପିଛା ପଥୁରାଡିନ୍ ୨୦ କିଲୋଗ୍ରାମ ପ୍ରୟୋଗ କରାଯାଇଥାଏ । ଏହା ବ୍ୟତୀତ ଆବଶ୍ୟକତା ଅନୁଯାୟୀ ଅନ୍ୟାନ୍ୟ ଔଷଧ ପ୍ରୟୋଗ କରାଯାଇଥାଏ ।

## ଅମଳ:-

୫-୬ ମାସ ପରେ ଗଛର ପତ୍ର ପାକଳ ହୋଇ ସାମାନ୍ୟ ଫିକା ପଡିଆସିଲେ,ଗଛକୁ ଜମିଠାରୁ ୩୦ ସେ:ମି: ଉଚ୍ଚରୁ କାଟିଆଣି ପତ୍ରଗୁଡିକୁ ତୋଳାଯାଏ ଏବଂ ଛାଇରେ ପତଳା କରି ଶୁଖାଯାଇଥାଏ । ପତ୍ରରେ ଥିବା ୭୫/୮୦% ଜଳୀୟ ଅଂଶ ଯେତେବେଳେ ୧୦-୧୨ ଭାଗକୁ କମିଯାଏ, ସେତେବେଳେ ପତ୍ରକୁ ଦୁଇ ମାସ ପର୍ଯ୍ୟନ୍ତ ଗଦା କରି ରଖାଯାଏ ।

'ପାଚୋଲି' ରୁ ପାତନ ପ୍ରଣାଳୀରେ ତେଲ ପ୍ରସ୍ତୁତ କରାଯାଏ । ପାଚୋଲି ସୁଗନ୍ଧିତ ତୈଳକୁ ପୂର୍ବପରି ସୋଡିୟମ ସଲଫେଟ୍ ଦ୍ୱାରା ଜଳୀୟ ଅଂଶରୁ ମୁକ୍ତ କରାଯାଏ । ଏଥିରୁ ସାଧାରଣତଃ ୨.୫/୩% ତେଲ ମିଳିଥାଏ। ଏହାକୁ ବୈଜ୍ଞାନିକ ପଦ୍ଧତିରେ ରଂଗୀନ୍ ବୋତଲ କିମ୍ବା ଦସ୍ତା ପାତ୍ରରେ ଭର୍ତ୍ତି କରି, ବାୟୁମୁକ୍ତ କରି ବନ୍ଦ କରି ରଖାଯାଏ । ଏକ ହେକ୍ଟର ଜମିରୁ ୬୦ କି:ଗ୍ରା ପର୍ଯ୍ୟନ୍ତ ତେଲ ବାହାରିଥାଏ, ଯାହାର ଆନୁମାନିକ ବଜାର ମୂଲ୍ୟ ଟ୯୦,୦୦୦ ପର୍ଯ୍ୟନ୍ତ ମିଳିଥାଏ । ବର୍ଷକୁ ୨ ଥର ଫସଲ ଅମଳ ହୁଏ ଓ ଏକର ପିଛା ଟ. ୪୦,୦୦୦ ଲାଭ ହୋଇଥାଏ ।

ଚାଷ ସମ୍ପର୍କିତ ପ୍ରକଳ୍ପ ବିବରଣୀ ଏବଂ ଅନ୍ୟାନ୍ୟ ତଥ୍ୟ ଜାଣିବାକୁ ଆମ ସହ ନିମ୍ନ ଠିକଣାରେ ଯୋଗାଯୋଗ କରିବାକୁ ଅନୁରୋଧ ।


'ସଂଯୋଗ'
ରୋଡ୍ ନଂ- ୨
ସା/ପୋ:- କଣ୍ଟାବାଞ୍ଜୀ,
ଜି:- ବଲାଙ୍ଗୀର
ଦୂରଭାଷା:- ୦୬୬୫୭-୨୨୧୪୪୨
email:- snj-kbj@redifmail.com.


ପ୍ରସ୍ତୁତି: କମଳେଶ ମହାନ୍ତି